# ୧ ନାମରେ କ'ଣ ଅଛି ?





ଅନେକ ଦିନ ପୂର୍ବେ ତାରକେଶ୍ୱରରେ ଏକ ଗୋପାଳ ପରିବାର ରହୁଥିଲେ । ପ୍ରତିଦିନ ଦେବ ଏବଂ ଦୀପା ଗାଇମାନଙ୍କୁ ଚରାଇବା ପାଇଁ ବାହାରକୁ ନେଇଯାଉଥିଲେ । ସେମାନେ ଗାଇମାନଙ୍କ ସହ ବିଳମ୍ବିତ ସନ୍ଧ୍ୟାରେ ଫେରୁଥିଲେ।

ସେମାନଙ୍କୁ ଗଣିବା ଜଣା ନଥିଲା । ତେଣୁ ଦିନେ ଦେବ କହିଲା – ଆମେ କେମିତି ଜାଣିବା ଯେ ଆମର ଗାଇ ହଜି ନାହାଁନ୍ତି ?




ଦେବ ଏବଂ ଦୀପା କ'ଣ କରିପାରିବେ ?

ସେମାନଙ୍କର ବନ୍ଧୁ ସେମାନଙ୍କୁ ଏକ ଉପାୟ ବତାଇ କହିଲେ : ଯେତେବେଳେ ତୁମେ ଗାଇମାନଙ୍କ ସହ ବାହାରକୁ ଯାଉଛ, ସେତେବେଳେ ଫାଟକରୁ ଛାଡୁଥିବା ପ୍ରତ୍ୟେକ ଗାଇମାନଙ୍କ ପାଇଁ କାନ୍ଥରେ ଏକ ଏକ ଗାର ଟାଣ । ପରେ ଯେବେବେଳେ ତୁମେ ଗାଇ - ଗାଈ ନେଇ ଫେରିବ, ସେତେବେଳେ ଫାଟକ ଭିତରକୁ ଗାଇମାନଙ୍କର ପ୍ରବେଶକୁ ଲକ୍ଷ୍ୟ କରି ଗୋଟିଏ ଗୋଟିଏ ଗାରକୁ ଲିଭାଇ ଦେବ ।

ପରଦିନ ସେମାନେ ନିଜ ବନ୍ଧୁଙ୍କ ଉପାୟ ଅନୁସରଣ କଲେ ଏବଂ ଘରକୁ ଫେରିବା ପରେ ଟାଣିଥିବା ସମସ୍ତ ଗାରକୁ ଲିଭାଇଲେ ।



ସବୁ ଗାଈ ଘରକୁ ଫେରିଲେ କି?



କିଛି ବର୍ଷ ପରେ ସେମାନଙ୍କ ପାଖରେ ଅନେକ ଗାଈ ହୋଇଗଲେ । ଦିନେ, ଘରୁ ବାହାରିବା ବେଳେ ସେମାନଙ୍କ କାନ୍ଥରେ ଅନେକ ଗାର ଥିଲା।

ତେବେ, ସେମାନଙ୍କ ପାଖରେ .......... ଗାଈ ଥିଲେ ।

ପରଦିନ ସେମାନେ ଗାଈମାନଙ୍କୁ ନେଇ ଫେରିଲେ । ପ୍ରତ୍ୟେକ ଗାଈ ପୁଣି ଫାଟକ ଭିତରକୁ ପଶିବାରୁ ସେମାନେ ଗୋଟିଏ ଗୋଟିଏ କରି ସବୁ ଗାରକୁ ଲିଭାଇଲେ। କାନ୍ଥରେ ବଳକା ଦୁଇଟି ଗାର ରହିଥିଲେ ହେଁ ବାହାରେ କୌଣସି ଗାଈ ଦେଖିବାକୁ ପାଇଲେ ନାହିଁ । ଫଳରେ ସେମାନେ ଚିନ୍ତିତ ହେଲେ।

**ଦେବ ଓ ଦୀପା କାହିଁକି ଚିନ୍ତିତ ଥିଲେ?**

କେତେ ଗାଈ ଘରେ ପହଞ୍ଚିଥିଲେ ? ............................

ଦେବ ଓ ଦୀପା ତୁରନ୍ତ ହଜିଯାଇଥିବା ଗାଈମାନଙ୍କୁ ଖୋଜିବାକୁ ଯାଇ ନିକଟସ୍ଥ ଏକ କ୍ଷେତରେ ସେମାନଙ୍କୁ ପାଇଲେ । ସମସ୍ତେ ଖୁସିରେ ଏକାଠି ଘରକୁ ଫେରିଲେ !

ସେମାନଙ୍କ ବନ୍ଧୁ ହେମନ୍ତଙ୍କର ୩୬ଟି ଗାଈ ଓ ୨୩ଟି ମେଣ୍ଢା ଥିଲା।

ଦେବ ଏବଂ ଦୀପାଙ୍କ ଭଳି ଗାର ଟାଣି ହେମନ୍ତକୁ ତାଙ୍କ ଗାଈ ଏବଂ ମେଣ୍ଢାଉପରେ ନଜର ରଖିବାରେ ସାହାଯ୍ୟ କର ।



**ଶିକ୍ଷକଙ୍କ ଟିପ୍ପଣୀ:** ସଂଖ୍ୟା ବ୍ୟବହାର ନକରି ବସ୍ତୁର ବୃହତ ସଂଖ୍ୟା ଗଣନା କରିବା ପାଇଁ ବିଭିନ୍ନ ରଣନୀତି ବିଷୟରେ ଚିନ୍ତା କରିବାକୁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ। ସେମାନେ ଉପରୋକ୍ତ କାହାଣୀକୁ ଏକ କାର୍ଯ୍ୟକଳାପ ଭାବରେ ମଧ୍ୟ ବ୍ୟବହାର କରିପାରିବେ ଯେଉଁଠାରେ ସେମାନେ ଶ୍ରେଣୀଗୃହରେ ପ୍ରବେଶ କରୁଥିବା ଏବଂ ବାହାରକୁ ଯାଉଥିବା ସମସ୍ତ ପିଲାଙ୍କ ଉପରେ ନଜର ରଖିପାରିବେ ।

© NCERT not to be republished

## ଆସ କରିବା

୧. କିଛି ପଶୁ ପକ୍ଷୀ ଏକ ଖେଳ ଖେଳିବାକୁ ଏକାଠି ହେଲେ । ସେମାନେ ଦୁଇ ଦଳ ଗଠନ କରିବାକୁ ଚାହୁଁଥିଲେ। ସେମାନେ ସ୍ଥିର କଲେ ଯେ ପ୍ରଥମ ଦଳର ଅଧିନାୟକ ସେହି ହେବ ଯାହାର ନାମ ସବୁଠାରୁ ଲମ୍ବା, ଅର୍ଥାତ୍ ନାମରେ ସବୁଠାରୁ ଅଧିକ ଅକ୍ଷର ଥିବ । ସବୁଠାରୁ ଛୋଟ ନାମ ବା ସବୁଠାରୁ କମ୍ ଅକ୍ଷର ଥିବା ନାମ ଦ୍ୱିତୀୟ ଦଳର ଅଧିନାୟକ ହେବ ।




ଦୁଇ ଦଳର ଅଧିନାୟକ ନିର୍ଣ୍ଣୟ କର ।

| | |
|---|---|
| ପ୍ରଥମ ଦଳ : | |
| ଅକ୍ଷର ସଂଖ୍ୟା : | |
| ଦ୍ୱିତୀୟ ଦଳ : | |
| ଅକ୍ଷର ସଂଖ୍ୟା : | |

ପ୍ରଥମ ଦଳର ଅଧିନାୟକର ନାମ ଠାରୁ ଲମ୍ବା ନାମ ଥିବା କୌଣସି ପଶୁକୁ ତୁମେ ଜାଣ କି?

୨. କାହାର ଲମ୍ବା ନାଁ ଅଛି? ଆଲୋଚନା କର ।




ମ ହେ ଶ

କା ର୍ତି କ

୩. ନିମ୍ନରେ ଦିଆଯାଇଥିବା ଖାଲି ସ୍ଥାନଗୁଡିକରେ ତୁମର କିଛି ବନ୍ଧୁଙ୍କ ନାମ ଲେଖ ଏବଂ ତା'ପରେ କ ରୁ ଚ ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ଦିଅ।

..........................................

.......................................... ..........................................

.......................................... ..........................................

.......................................... ..........................................

..........................................

କ. ସବୁଠାରୁ ଲମ୍ବା ନାମ (ଗୁଡିକ) କୁ ଟିକ୍ ✓ କର ଏବଂ ସବୁଠାରୁ ଛୋଟ ନାମ(ଗୁଡିକ)କୁ ଛକି ✗ କର ।

ଖ. ତୁମ ନାମର ପ୍ରଥମ ଅକ୍ଷର ଲେଖ । ..........................................

ଗ. ତୁମ ନାମର ପ୍ରଥମ ଅକ୍ଷର ସହ ସମାନ ଥିବା ସମସ୍ତ ନାମ(ଗୁଡିକ)କୁ ଗଣନା କର ।

ଘ. କେଉଁ ଅକ୍ଷରଟି ପ୍ରଥମେ ସବୁଠାରୁ ଅଧିକଥର ବ୍ୟବହୃତ ହୋଇଛି ?
ଏଥିରେ ଆରମ୍ଭ ହୋଇଥିବା ନାମ ସଂଖ୍ୟା ଗଣନା କର ।

ଙ. ଶେଷ ଅକ୍ଷର ସମାନ ଥିବା ନାମର ସଂଖ୍ୟା ଗଣନା କର ।

..........................................

ଚ. କୌଣସି ନାମର ପ୍ରଥମ ଅକ୍ଷର ହୋଇନଥିବା ଅକ୍ଷରଗୁଡ଼ିକୁ ଲେଖ ।

..........................................

© NCERT not to be republished



**ଶିକ୍ଷକଙ୍କ ଉଦ୍ଦେଶ୍ୟରେ :** ଶିକ୍ଷକ ଶ୍ରେଣୀ କକ୍ଷରେ ପିଲାମାନଙ୍କ ମଧ୍ୟରେ ପୁଅ ଏବଂ ଝିଅମାନଙ୍କ ସବୁଠାରୁ ଛୋଟ ଏବଂ ଲମ୍ବା ନାମ ଚିହ୍ନିତ କରିବାକୁ କହିପାରିବେ | ଶ୍ରେଣୀ କକ୍ଷରେ ଆଲୋଚନା ମାଧ୍ୟମରେ ସେମାନଙ୍କୁ ସେମାନଙ୍କର କୌଶଳନୀତି ବାଣ୍ଟିବାରେ ସାହାଯ୍ୟ କରିବେ।

୪. ତେଜି ଏବଂ ଜୋଜୋ ଏହି କାର୍ଡ ବ୍ୟବହାର କରି ନମ୍ବର ତିଆରି କରୁଛନ୍ତି।

| | | | | | | |
|---|---|---|---|---|---|---|
| ଏକ | ଦୁଇ | ତିନି | ଦଶ | ଏଗାର | ବାର | ତେର |
| ଚାରି | ପାଞ୍ଚ | ଛଅ | ଚଉଦ | ପନ୍ଦର | ଷୋହଳ | |
| ସାତ | ଆଠ | ନଅ | ସତର | ଅଠର | ଉଣେଇଶ | |

| | | | | | | | |
|---|---|---|---|---|---|---|---|
| କୋଡିଏ | ତିରିଶ | ଚାଳିଶ | ପଚାଶ | ଷାଠିଏ | ସତୁରୀ | ଅଶୀ | ନବେ |



ତେଜି ନିଜ ରୋଲ୍ ନମ୍ବର ୪୩କୁ ଏମିତି ତିଆରି କରିଛନ୍ତି। ଏହି ସଂଖ୍ୟା ନାମରେ ୪ଟି ଅକ୍ଷର ରହିଛି।

ତେୟାଳିଶ

ଜୋଜୋ ନିଜ ରୋଲ୍ ନମ୍ବର ୧୭କୁ ଏମିତି ତିଆରି କରିଛି। ଏହି ନାମରେ ............ ଅକ୍ଷର ରହିଛି ।

ସତର



କ. ଉପରୋକ୍ତ ଦର୍ଶାଯାଇଥିବା ପରି ସଂଖ୍ୟା କାର୍ଡ ବ୍ୟବହାର କରି ତୁମ ରୋଲ୍ ନମ୍ବର ଲେଖ। ପୁସ୍ତକର ଶେଷରେ ନମ୍ବର କାର୍ଡ ଦିଆଯାଇଛି ।

- ମୋର ରୋଲ୍ ନମ୍ବର ହେଉଛି ............
- ଏହାର ନାମରେ ............ ଟି ଅକ୍ଷର ରହିଛି ।

ଖ. ତୁମ ଖାତାରେ କିଛି ସଂଖ୍ୟା ଏବଂ ସେହି ସଂଖ୍ୟାର ନାମ ଲେଖ । ପ୍ରତ୍ୟେକରେ କେତୋଟି ଲେଖାଏଁ ଅକ୍ଷର ଅଛି ଲେଖ?



## ଆସ ଚିନ୍ତା କରିବା



ତେଜି ଓ ଜୋଜୋ ୫୬ (ଛପନ) ନମ୍ବର ରଖିଥିଲେ । ଏଥିରେ ୩ଟି ଅକ୍ଷର ଅଛି। ୧ରୁ ୯୯ ମଧ୍ୟରେ ଥିବା ଅନ୍ୟ ସଂଖ୍ୟା ଲେଖ ଯେଉଁଥିରେ ୩ଟି ଅକ୍ଷର ଅଛି ।

ଛପନ



| | | | |
|---|---|---|---|
| ଏଗାର | ୧୧ | | |
| | | | |
| | | | |



**ଶିକ୍ଷକଙ୍କ ଉଦ୍ଦେଶ୍ୟରେ** : ପିଲାମାନଙ୍କୁ ସମାନ ସଂଖ୍ୟକ ଅକ୍ଷର ଥିବା ନାମରେ ରହିଥିବା ସମାନତାକୁ ଅନୁଧ୍ୟାନ କରିବାକୁ ଦିଅନ୍ତୁ।

© NCERT not to be republished

## ଆସ କରିବା


୧.  ୧ ରୁ ୯୯ ମଧ୍ୟରେ ଥିବା ସବୁଠାରୁ ଲମ୍ବା ସଂଖ୍ୟା(ଗୁଡିକ)ର ନାମ ଲେଖ ।

.................................... .................................... ....................................

| | |
|---|---|
| ଖୋଜି ବାହାର କର ।<br>ମୋ ସଂଖ୍ୟା ନାମରେ ଗୋଟିଏ ଶବ୍ଦ ଅଛି ।<br>ଏଥିରେ ୪ଟି ଅକ୍ଷର ରହିଛି<br>ମୁଁ ୧୦୦ର ପାଖାପାଖି । ମୁଁ କିଏ?<br>........................................ | ଖୋଜି ବାହାର କର ।<br>ମୁଁ ଏବଂ ମୋର ସାଙ୍ଗମାନେ ସଂଖ୍ୟା<br>୬୩ରୁ ୭୮ ପର୍ଯ୍ୟନ୍ତ।<br>ମୋର ସମସ୍ତ ବନ୍ଧୁଙ୍କ ମଧ୍ୟରେ ମୋର ସଂଖ୍ୟା<br>ନାମ ସବୁଠାରୁ ଛୋଟ । ମୁଁ କିଏ?<br>........................................ |

୨  ତୁମ ଖାତାରେ ଏହିଭଳି ପ୍ରହେଳି ତିଆରି କର ଏବଂ ତୁମ ସହପାଠୀମାନଙ୍କୁ ପଚାର ପଚାର।

ଭେଙ୍କଟନରସିଂହରାଜୁବରିପେଟା ଭାରତର ସବୁଠାରୁ ଲମ୍ବା ନାମ ବିଶିଷ୍ଟ ସ୍ଥାନ ଅଟେ । ଏହା ତାମିଲନାଡୁ ସୀମା ନିକଟରେ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ।










ଓଡ଼ିଶାର ଇବ୍ ଏବଂ ଗୁଜରାଟର ଓଡ୍ ହେଉଛି ଭାରତର ସବୁଠାରୁ ଛୋଟ ନାମ ବିଶିଷ୍ଟ ସ୍ଥାନ ।

ତେଜି ଏବଂ ଜୋଜୋଙ୍କ ପାଖରେ କିଛି ଫଟୋ କାର୍ଡ ଅଛି । ତେଜି ଏହାକୁ ଦୁଇ ଭାଗରେ ବିଭକ୍ତ କରିଛି ।:



© NCERT not to be republished

ସେ କାର୍ଡଗୁଡ଼ିକୁ “ଯେଉଁମାନେ ଖାଦ୍ୟ ଖାଆନ୍ତି” ଏବଂ “ଯେଉଁମାନେ ଖାଦ୍ୟ ଖାଆନ୍ତି ନାହିଁ” ରୂପେ ଭାଗ କରିଛନ୍ତି.
ଜୋଜୋ ସମାନ କାର୍ଡକୁ ଭିନ୍ନ ଢଙ୍ଗରେ ପ୍ରସ୍ତୁତ କରିଛନ୍ତି।







ଜୋଜୋ ତିଆରି କରିଥିବା ପ୍ରତ୍ୟେକ ଭାଗରେ କ’ଣ ସାଧାରଣ ଅଛି?

...........................................................................

ନିମ୍ନରେ କିଛି ଘରୋଇ ଜିନିଷର ଛବି ଦିଆଯାଇଛି ।




ନିମ୍ନରେ ଦିଆଯାଇଥିବା ଦୁଇ ଭାଗରେ ଉପରୋକ୍ତ ବସ୍ତୁଗୁଡ଼ିକର ନାମ ଲେଖ ।

| ବିଜୁଳି ଆବଶ୍ୟକ କରୁଥିବା ଜିନିଷ | ଯେଉଁ ଜିନିଷରେ ବିଜୁଳି ଦରକାର ନାହିଁ |
|---|---|
| | |
| | |
| | |
| | |

© NCERT not to be republished

ଉପରୋକ୍ତ ବସ୍ତୁଗୁଡ଼ିକୁ ଭିନ୍ନ ଭାବରେ ଭାଗ କର । ନିମ୍ନରେ ଥିବା ସ୍ଥାନରେ ସେଗୁଡ଼ିକୁ ଲେଖ।

## ଆସ କରିବା

### କେଶ ସଜ୍ଜା

ମାଳା ବିଦ୍ୟାଳୟ ଯାଉଛି ।  ତା' ମା' ତା'ର ଚୁଟି ବାନ୍ଧି ଦେଉଛନ୍ତି। 

ମାଳାଙ୍କର ଦୁଇଟି ଚୁଟି ହୋଇଛି । 

ତୁମ ଶ୍ରେଣୀରେ ଥିବା ପିଲାମାନଙ୍କୁ ଦେଖ। 

ସବୁ ପିଲା ନିଜ ଚୁଟିକୁ ଭିନ୍ନ ଭିନ୍ନ ଉପାୟରେ ବାନ୍ଧିଛନ୍ତି ।

ଦେଖ ଏବଂ ତଳେ ଲେଖ

| କେଶ ସଜ୍ଜା |  |  |  |  |  |  |
|---|---|---|---|---|---|---|
| ପିଲାଙ୍କ ସଂଖ୍ୟା | | | | | | |



**ଶିକ୍ଷକଙ୍କ ଉଦ୍ଦେଶ୍ୟରେ:** ପିଲାମାନଙ୍କୁ ଅଧିକ ବସ୍ତୁର ପରାମର୍ଶ ଦେବାକୁ କୁହନ୍ତୁ ଏବଂ ସେମାନଙ୍କୁ ଉପଯୁକ୍ତ ଗୋଷ୍ଠୀରେ ରଖିବାକୁ କୁହନ୍ତୁ। । ଅନ୍ୟ ସମ୍ଭାବ୍ୟ ଗୋଷ୍ଠୀକରଣ ପଦ୍ଧତି ଅଛି କି ନାହିଁ ଆଲୋଚନା କରନ୍ତୁ। ଗୋଷ୍ଠୀକରଣର ବିଭିନ୍ନ ଉପାୟକୁ ପ୍ରୋତ୍ସାହିତ କରନ୍ତୁ ଯେଉଁଥିରେ ପ୍ରତ୍ୟେକ ବସ୍ତୁ କୌଣସି ନା କୌଣସି ଗୋଷ୍ଠୀର ହେବା ଆବଶ୍ୟକ ।

© NCERT not to be republished